# NATIONAL NEWS BULLETIN (ODIA)

## 06th July' 2026

## Morning Bulletin : 7.15 a.m.

******************************

## ମୁଖ୍ୟ ସମ୍ବାଦ

- ଆଜିଠାରୁ ଇଣ୍ଡୋନେସିଆ, ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ ।
- ନୂଆଦିଲ୍ଲୀରେ ଆଜି ସମବାୟ ମନ୍ତ୍ରଣାଳୟର ପଞ୍ଚମ ପ୍ରତିଷ୍ଠା ଦିବସ ସମାରୋହରେ ଯୋଗଦେବେ କେନ୍ଦ୍ରମନ୍ତ୍ରୀ ଅମିତ୍ ଶାହା ।
- ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟର ଆଜି ଅନୁଷ୍ଠିତ ହେବ ଗୁରୁତ୍ୱପୂର୍ଣ୍ଣ ବୈଠକ ।
- ଓଡ଼ିଶା ସମେତ ଦେଶର ବିଭିନ୍ନ ରାଜ୍ୟରେ ଅତିପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ରେଡ୍ ଆଲର୍ଟ ଜାରି ।

ଏବଂ

- ଆଇ.ସି.ସି. ମହିଳା ଟି-ଟ୍ୱେଣ୍ଟି କ୍ରିକେଟ୍ ବିଶ୍ୱକପ୍ ଟାଇଟଲ୍ ହାସଲ କଲା ଅଷ୍ଟ୍ରେଲିଆ ।

# ପି.ଏମ୍. - ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜିଠାରୁ ଇଣ୍ଡୋନେସିଆ, ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ଗସ୍ତରେ ଯିବେ । ତ୍ରିରାଷ୍ଟ୍ରୀୟ ଗସ୍ତର ପ୍ରଥମ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ଆଜି ଦୁଇଦିନିଆ ଗସ୍ତରେ ଯାଇ ସନ୍ଧ୍ୟାରେ ଇଣ୍ଡୋନେସିଆରେ ପହଞ୍ଚିବେ । ଏହା ପ୍ରଧାନାମନ୍ତ୍ରୀ ମୋଦିଙ୍କ ଚତୁର୍ଥ ଇଣ୍ଡୋନେସିଆ ଗସ୍ତ । ୨୦୧୮ ମସିହା ମଇ ମାସରେ ଭାରତ ଓ ଇଣ୍ଡୋନେସିଆ ସମ୍ପର୍କକୁ ରଣନୈତିକ ସହଭାଗିତା ସ୍ତରକୁ ଉନ୍ନୀତ କରିବା ପରେ ଏହା ତାଙ୍କର ପ୍ରଥମ ଦ୍ୱିପାକ୍ଷିକ ଗସ୍ତ । ଏହି ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ମୋଦି ଇଣ୍ଡୋନେସିଆ ରାଷ୍ଟ୍ରପତି ପ୍ରବୋଓ ସୁବିଆଣ୍ଟୋଙ୍କ ସହିତ ଦ୍ୱିପାକ୍ଷିକ ଆଲୋଚନା କରିବା ସହ ବିଭିନ୍ନ କ୍ଷେତ୍ରରେ ହୋଇଥିବା ପ୍ରଗତି ସମ୍ପର୍କରେ ସମୀକ୍ଷା କରିବେ । ପ୍ରଧାନମନ୍ତ୍ରୀଙ୍କ ମୁଖ୍ୟ କାର୍ଯ୍ୟକ୍ରମ ଜାକର୍ତ୍ତାରେ ଥିଲେ ମଧ୍ୟ ସେ ସାଂସ୍କୃତିକ ଓ ଐତିହାସିକ ସହର ଯୋଗକାର୍ତ୍ତା ପରିଦର୍ଶନ କରିବେ । ଜାକର୍ତ୍ତାରେ ଶ୍ରୀ ମୋଦି ପ୍ରବାସୀ ଭାରତୀୟଙ୍କୁ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି । ଯୋଗକାର୍ତ୍ତାରେ ପ୍ରଧାନମନ୍ତ୍ରୀ ପ୍ରମ୍ବାନନ ମନ୍ଦିର ଗସ୍ତ କରିବେ । ଭାରତ ଏବଂ ଇଣ୍ଡୋନେସିଆ ମିଳିତ ଭାବେ ସେଠାରେ ସଂରକ୍ଷଣ କାର୍ଯ୍ୟ କରିବେ ବୋଲି ଜଣାପଡ଼ିଛି ।

ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ ଆସନ୍ତା ୮ ତାରିଖ ବୁଧବାର ଦିନ ଶ୍ରୀ ମୋଦି ତିନିଦିନିଆ ଗସ୍ତରେ ଯାଇ ମେଲ୍‌ବୋର୍ଣ୍ଣରେ ପହଞ୍ଚିବେ । ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆଣ୍ଟୋନି ଆଲ୍‌ବାନିଜ୍‌ଙ୍କ ସହ ଶ୍ରୀ ମୋଦି ତୃତୀୟ ଭାରତ-ଅଷ୍ଟ୍ରେଲିଆ ବାର୍ଷିକ ଶିଖର ସମ୍ମିଳନୀରେ ଅଂଶଗ୍ରହଣ କରିବେ । ଏହି ସମ୍ମିଳନୀରେ ଉଭୟ ଦେଶ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ, ସାଇବର ସୁରକ୍ଷା, ଯୋଗାଣ ଶୃଙ୍ଖଳ, ପ୍ରଯୁକ୍ତିବିଦ୍ୟା ଆଦି ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା ହେବ । ଏହି ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ମୋଦି ଭାରତ-ଅଷ୍ଟ୍ରେଲିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କ ସମ୍ମିଳନୀରେ ଅଂଶଗ୍ରହଣ କରିବା ସହ ଉଭୟ ଦେଶର ବ୍ୟାବସାୟିକ ନେତୃବୃନ୍ଦଙ୍କୁ ସମ୍ବୋଧନ କରିବେ । ସେଠାରେ ମଧ୍ୟ ପ୍ରବାସୀ ଭାରତୀୟମାନଙ୍କୁ ପ୍ରଧାନମନ୍ତ୍ରୀ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି ।

ତ୍ରିରାଷ୍ଟ୍ରୀୟ ଗସ୍ତର ଅନ୍ତିମ ପର୍ଯ୍ୟାୟରେ ଆସନ୍ତା ୧୦ ତାରିଖରେ ପ୍ରଧାନମନ୍ତ୍ରୀ ନ୍ୟୁଜିଲାଣ୍ଡ ଗସ୍ତକରି ତାଙ୍କ ପ୍ରତିପକ୍ଷ କ୍ରିଷ୍ଟୋଫର ଲକ୍ସନ୍‌ଙ୍କ ସହ ଦ୍ୱିପାକ୍ଷିକ ସମ୍ପର୍କ ନେଇ ଆଲୋଚନା କରିବେ । ଗତ ୪୦ ବର୍ଷ ମଧ୍ୟରେ ଏହା ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ପ୍ରଥମ ନ୍ୟୁଜିଲାଣ୍ଡ ଗସ୍ତ ହେବ । ଏହି ଅବସରରେ ଶ୍ରୀ ମୋଦି ପ୍ରମୁଖ ବ୍ୟବସାୟ ଏବଂ କ୍ରୀଡ଼ା ନେତୃତ୍ୱଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି ।

# ଶାହା - କୋଅପରେସନ ମିନିଷ୍ଟ୍ରି

କେନ୍ଦ୍ର ସମବାୟ ମନ୍ତ୍ରୀ ଅମିତ୍ ଶାହା ଆଜି ନୂଆଦିଲ୍ଲୀରେ ସମବାୟ ମନ୍ତ୍ରଣାଳୟର ପଞ୍ଚମ ପ୍ରତିଷ୍ଠା ଦିବସ ସମାରୋହରେ ଯୋଗଦେବେ । ମନ୍ତ୍ରଣାଳୟର ସୂଚନା ଅନୁଯାୟୀ 'ସହକାର ସେ ସମୃଦ୍ଧି' ଲକ୍ଷ୍ୟ ପୂରଣ ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ଏହି ଅବସରରେ ଶ୍ରୀ ଶାହା ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ସହ ଭିତ୍ତିପ୍ରସ୍ତର ସ୍ଥାପନ କରିବେ । ଶ୍ରୀ ଶାହା' ୨୩୨ଟି ଶସ୍ୟ ଗୋଦାମ ଗୃହ ଉଦ୍‌ଘାଟନ, ସହକାର ବନ, ଉତ୍ତର ପ୍ରଦେଶ ଓ ମହାରାଷ୍ଟ୍ରରେ ଟିସୁ କଲ୍‌ଚର ବ୍ୟବସ୍ଥା ଆଦିର ଭୂମିପୂଜନ, ଜାତୀୟ ସମବାୟ ଡାଟାବେସ୍ ଓ ଜିଓ ଟ୍ୟାଗ୍ ମୋବାଇଲ ଆପ୍‌ର ଶୁଭାରମ୍ଭ, ଜାତୀୟ ପଶୁପାଳନ ବିକାଶ ବୋର୍ଡ଼ର ଦୁଗ୍ଧ ଯୋଗାଣ ଡ୍ୟାସ୍ ବୋର୍ଡ଼ ପୋର୍ଟାଲ୍‌ର ଶୁଭାରମ୍ଭ ଆଦି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ । କାର୍ଯ୍ୟକ୍ରମ କାଳରେ 'ଭାରତୀୟ ବିହନ ସହକାରୀ ସମିତି ଲିମିଟେଡ୍'- ବି.ବି.ଏସ୍.ଏସ୍.ଏଲ୍. ଏବଂ ଭାରତୀୟ କୃଷି ଗବେଷଣା ପରିଷଦ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହେବ । ଏହି ବୁଝାମଣା ଫଳରେ ବିହନ ବ୍ୟବସ୍ଥା ଏବଂ ଦୁଗ୍ଧ ସମବାୟ ସମିତି ପାଇଁ ଆଦର୍ଶ ନିୟମ ସୁଦୃଢ଼ ହୋଇପାରିବ । ଗତ ୫ ବର୍ଷ ମଧ୍ୟରେ ମନ୍ତ୍ରଣାଳୟ ପକ୍ଷରୁ ପ୍ରାଥମିକ କୃଷରଣ ସମିତି, ସମବାୟ ବ୍ୟାଙ୍କ୍, ଦୁଗ୍ଧ ସମବାୟ ଏବଂ ଜାତୀୟସ୍ତରୀୟ ସମବାୟ ସଂସ୍ଥାଗୁଡ଼ିକ ପାଇଁ ଅନେକ ରୂପାନ୍ତରଣ ପଦକ୍ଷେପ ଗ୍ରହଣ କରାଯାଇଛି ।

# ବ୍ରିକ୍ସ ଓ୍ୱିମେନ୍ ଓ୍ୱାର୍କିଂ ଗ୍ରୁପ୍

କେରଳର କୋଚିଠାରେ ବ୍ରିକ୍ସ ମହିଳା କାର୍ଯ୍ୟକାରୀ ଗୋଷ୍ଠୀର ଦୁଇଦିନିଆ ବୈଠକ ଆଜିଠାରୁ ଆରମ୍ଭ ହେବ । ଭାରତ ଏହି ବୈଠକର ଆୟୋଜକ ରହିଛି । କେନ୍ଦ୍ର ମହିଳା ଓ ଶିଶୁବିକାଶ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ବ୍ରିକ୍ସ ସଦସ୍ୟ ଦେଶଗୁଡ଼ିକର ବରିଷ୍ଠ ଅଧିକାରୀମାନେ ବୈଠକରେ ସମସ୍ତ କ୍ଷେତ୍ରରେ ମହିଳା ସଶକ୍ତୀକରଣ ଏବଂ ମହିଳା ନେତୃତ୍ୱାଧୀନ ବିକାଶ ସହ ଜଡିତ ପ୍ରମୁଖ ପ୍ରସଙ୍ଗ ଗୁଡ଼ିକ ଉପରେ ଆଲୋଚନା କରିବେ । ଏହି ମହିଳା କାର୍ଯ୍ୟକାରୀ ଗୋଷ୍ଠୀ ବୈଠକ ସଦସ୍ୟ ଦେଶଗୁଡ଼ିକୁ ମହିଳା ନେତୃତ୍ୱାଧୀନ ବିକାଶକୁ ଆଗକୁ ନେବା ଏବଂ ସହମତି ସୃଷ୍ଟି କରିବା ନେଇ ସୁଯୋଗ ପ୍ରଦାନ କରିବ । ଏହି ମହିଳା କାର୍ଯ୍ୟକାରୀ ଗୋଷ୍ଠୀ ବୈଠକରେ ୪ଟି ପ୍ରାଥମିକତା କ୍ଷେତ୍ର ଉପରେ ଧ୍ୟାନ କେନ୍ଦ୍ରିତ କରାଯାଉଛି । ସେଗୁଡ଼ିକ ହେଉଛି -ଶାସନ ଓ ନେତୃତ୍ୱରେ ମହିଳା, ମହିଳାମାନଙ୍କ ଡିଜିଟାଲ ଏବଂ ଆର୍ଥିକ ଅନ୍ତର୍ଭୁକ୍ତୀକରଣ, ମହିଳା ଉଦ୍ୟୋଗିତା, ଦକ୍ଷତା ବିକାଶ ଓ ଜଳବାୟୁ କାର୍ଯ୍ୟାନୁଷ୍ଠାନ ଏବଂ ଖାଦ୍ୟ ସୁରକ୍ଷା ଓ ପୋଷଣରେ ମହିଳାଙ୍କ ଭୂମିକା । ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଏହି ବୈଠକ ଆସନ୍ତା ୮ ଏବଂ ୯ ତାରିଖରେ ହେବାକୁ ଥିବା ବ୍ରିକ୍ସ ମହିଳା ମନ୍ତ୍ରୀସ୍ତରୀୟ ବୈଠକ ପାଇଁ ଏକ ଦୃଢ଼ ଭିତ୍ତିଭୂମି ସ୍ଥାପନ କରିବ ।

# ଅଯୋଧ୍ୟା - ଟେମ୍ପୁଲ୍ ଟ୍ରଷ୍ଟ ମିଟିଂ

ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟର ଆଜି ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ । ବୈଠକରେ ଦାନ ଅର୍ଥ ହେର୍‌ଫେର୍ ମାମଲାର ତଦନ୍ତ କରୁଥିବା ସ୍ୱତନ୍ତ୍ର ତଦନ୍ତକାରୀ ଦଳର ରିପୋର୍ଟ ସମେତ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରଶାସନିକ ଓ ଆର୍ଥିକ ପ୍ରସଙ୍ଗ ଉପରେ ଆଲୋଚନା କରାଯିବ ବୋଲି ଜଣାପଡ଼ିଛି । ପୂର୍ବରୁ ଏହି ବୈଠକ ମଣିରାମ ଛାବେନିଠାରେ ଅନୁଷ୍ଠିତ ହେବାକୁ ଥିବାବେଳେ ଏବେ ଏହା ରାମମନ୍ଦିର ପରିସରରେ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି ।

# କଞ୍ଜୁମର ପ୍ରୋଟେକ୍ସନ

ସ୍ୱିଜରଲାଣ୍ଡର ଜେନେଭାରେ ଆଜିଠାରୁ ଆରମ୍ଭ ହେଉଥିବା ଉପଭୋକ୍ତା ସୁରକ୍ଷା ଆଇନ ଏବଂ ନୀତି ଉପରେ ଆନ୍ତଃ ସରକାରୀ ବିଶେଷଜ୍ଞ ଗୋଷ୍ଠୀର ନବମ ଅଧିବେଶନରେ ଭାରତ ଅଧ୍ୟକ୍ଷତା କରିବ । ଜାତିସଂଘ ବାଣିଜ୍ୟ ଓ ବିକାଶ ବିଭାଗ ପକ୍ଷରୁ ଏହି ତିନିଦିନିଆ ଅଧିବେଶନ ବୁଧବାର ପର୍ଯ୍ୟନ୍ତ ଚାଲିବ । କେନ୍ଦ୍ର ଉପଭୋକ୍ତା ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ଏହି ଅଧିବେଶନ କାଳରେ ସଦସ୍ୟ ରାଷ୍ଟ୍ର,

ଆନ୍ତର୍ଜାତିକ ସଙ୍ଗଠନ, ଉପଭୋକ୍ତା ସୁରକ୍ଷା ପ୍ରତିଷ୍ଠାନ ଓ ଅନ୍ୟ ଅଂଶୀଦାରମାନଙ୍କ ମଧ୍ୟରେ ଉପଭୋକ୍ତା ସୁରକ୍ଷା ଆଇନ ଓ ନୀତି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯିବ । କେନ୍ଦ୍ର ଉପଭୋକ୍ତା ବ୍ୟାପାର ବିଭାଗ ସଚିବ ନିଧି ଖାରେ ଏହି ଅଧିବେଶନରେ ଅଧ୍ୟକ୍ଷତା କରିବେ ।

## ବ୍ରିକ୍ସ ଆଣ୍ଟି ଡ୍ରଗ୍ ଏଜେନ୍ସି ମିଟ୍

ଆସାମର ଗୁଆହାଟୀରେ ଆଜିଠାରୁ ବ୍ରିକ୍ସ ସଦସ୍ୟ ରାଷ୍ଟ୍ରଗୁଡ଼ିକର ନିଶାନିରୋଧୀ ସଙ୍ଗଠନ ମୁଖ୍ୟମାନଙ୍କ ଦୁଇଦିନିଆ ସମ୍ମିଳନୀ ଆରମ୍ଭ ହେବ । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ବ୍ରିକ୍ସ ରାଷ୍ଟ୍ରସମୂହର ନିଶାନିରୋଧୀ ସଙ୍ଗଠନଗୁଡ଼ିକ ମଧ୍ୟରେ ସମନ୍ୱୟ ବୃଦ୍ଧି ଓ ସେଗୁଡ଼ିକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ସମ୍ମିଳନୀରେ ଆଲୋଚନା ହେବ । ଏଥିରେ ପରିଚାଳନାଗତ ସମନ୍ୱୟ ସୁଦୃଢ଼ କରିବା, ସୂଚନା ଆଦାନ ପ୍ରଦାନ ଏବଂ କ୍ଷମତା ନିର୍ମାଣ ପ୍ରସଙ୍ଗ ଉପରେ ଗୁରୁତ୍ୱ ଦିଆଯିବ । ଦୁଇଦିନିଆ ସମ୍ମିଳନୀରେ ବ୍ରିକ୍ସ ସଦସ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଏକ ଯୁଗ୍ମ ଘୋଷଣାନାମା ଗ୍ରହଣ କରିବାର ସମ୍ଭାବନା ରହିଛି । ଏହାଦ୍ୱାରା ବ୍ରିକ୍ସ ଦେଶଗୁଡ଼ିକରେ ନିଶା ନିବାରଣ ନେଇ ସାମୂହିକ ପଦକ୍ଷେପକୁ ଦୃଢ଼ କରାଯାଇପାରିବ ।

# ୟୁରୋପ ୱାଇଲ୍ଡ ଫାୟାର୍ସ

ୟୁରୋପରେ ଜଙ୍ଗଲ ନିଆ ବ୍ୟାପିବାରେ ଲାଗିଛି । ପର୍ତ୍ତୁଗାଲ୍, ଗ୍ରୀସ୍ ଏବଂ ସ୍ପେନ୍‌ରେ ଶହ ଶହ ଅଗ୍ନିଶମ କର୍ମଚାରୀମାନେ ନିଆଁ ଲିଭାଇବାପାଇଁ ଉଦ୍ୟମ ଜାରି ରଖିଛନ୍ତି । ଗତ ୩ ଦିନ ହେବ ଜଙ୍ଗଲ ନିଆଁ ସେହିସବୁ ଅଞ୍ଚଳରେ ବ୍ୟାପିବାରେ ଲାଗିଛି । ସେଠାକାର ସରକାରଙ୍କ ପକ୍ଷରୁ ଗ୍ରୀସ୍‌ର କେତେକ ଅଞ୍ଚଳରେ ସତର୍କ ସୂଚନା ଜାରି କରାଯାଇ ଜନସାଧାରଣଙ୍କୁ କବାଟ ଝରକା ବନ୍ଦ କରି ଘର ଭିତରେ ରହିବାକୁ ପରାମର୍ଶ ଦେଇଛନ୍ତି । ଗତକାଲି ଗ୍ରୀସ୍ ରାଜଧାନୀ ଆଥେନ୍‌ସରେ ଅନ୍ୟ ଏକ ଜଙ୍ଗଲ ନିଆଁ ସୃଷ୍ଟି ହୋଇଛି । ସୂଚନା ଅନୁଯାୟୀ ୧୫୫ ଜଣ ଅଗ୍ନିଶମ କର୍ମଚାରୀ ନିଆଁଲିଭା କାର୍ଯ୍ୟରେ ନିୟୋଜିତ ହୋଇଥିବାବେଳେ ୫୫ଟି ସ୍ୱତନ୍ତ୍ର ଜାହାଜ ଏବଂ ୬ଟି ହେଲିକପ୍ଟର ବ୍ୟବହାର କରାଯାଉଛି ।

ପର୍ତ୍ତୁଗାଲ୍‌ରେ ୧ ହଜାର ୨ ଶହରୁ ଅଧିକ ଅଗ୍ନିଶମ କର୍ମଚାରୀ ନିୟୋଜିତ ହୋଇଛନ୍ତି । ଇତିମଧ୍ୟରେ ଜଙ୍ଗଲ ନିଆଁରେ ୧୨ ହଜାର ହେକ୍ଟରରୁ ଅଧିକ ଅଞ୍ଚଳ ସମ୍ପୂର୍ଣ୍ଣ ରୂପେ ଧ୍ୱସ୍ତ ହୋଇଯାଇଛି ।

ସ୍ପେନ୍‌ରେ ୫ ହଜାର ୪ ଶହ ହେକ୍ଟର ଅଞ୍ଚଳ ଭସ୍ମୀଭୂତ ହୋଇଥିବା ସୂଚନା ମିଳିଛି ।

# ପି.ଓ.କେ. କ୍ଲାସେସ୍

ପାକ୍ ଅଧିକୃତ ଜମ୍ମୁ-କାଶ୍ମୀରରେ ପାକିସ୍ତାନୀ ରେଞ୍ଜରଙ୍କଦ୍ୱାରା ପ୍ରତିବାଦକାରୀଙ୍କ ଉପରେ ଗୁଳିବର୍ଷଣ ପରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହେବା ସହ ଅନ୍ୟ କେତେଜଣ ଆହତ ହୋଇଛନ୍ତି । ଏହି ଘଟଣାକୁ ନେଇ ସମ୍ପୃକ୍ତ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି । ସେହି ଅଞ୍ଚଳରେ ମୌଳିକ ଅଧିକାର, ଅର୍ଥନୈତିକ ସୁବିଧା ଏବଂ ରାଜନୈତିକ ସ୍ୱାଧୀନତା ନେଇ ପ୍ରତିବାଦକାରୀମାନେ ପ୍ରଦର୍ଶନ କରୁଥିବାବେଳେ ଏହି ଘଟଣା ଘଟିଥିଲା । ଗଣମାଧ୍ୟମ ସୂଚନା ଅନୁଯାୟୀ ପାକ୍ ଅଧିକୃତ ଜମ୍ମୁ-କାଶ୍ମୀର ଅଞ୍ଚଳରେ ଇସ୍‌ଲାମାବାଦ ବିରୋଧୀ ପ୍ରଦର୍ଶନ ଯୋଗୁଁ ୬ ଶହରୁ ଅଧିକ କର୍ମୀଙ୍କୁ ଗିରଫ କରାଯାଇଛି । ଏହି ଘଟଣା ନେଇ ଲଣ୍ଡନରେ ବସବାସ କରୁଥିବା କାଶ୍ମୀରୀ ଅଧିବାସୀମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଅନ୍ୟପକ୍ଷରେ ପାକିସ୍ତାନର କରାଚୀସ୍ଥିତ ଆବାସୀ ଶହିଦ୍ ହସ୍ପିଟାଲ୍‌ର କନିଷ୍ଠ ଡାକ୍ତରମାନେ ବକେୟା ଅର୍ଥ ପ୍ରଦାନ, ସୁରକ୍ଷା କଡ଼ାକଡ଼ି କରିବା ଓ ହସ୍ପିଟାଲ୍‌ର ସୁବିଧା ସୁଯୋଗର ଉନ୍ନତି କରିବା ଦାବି କରି ପ୍ରତିବାଦ ଜୋର୍‌ଦାର କରିଛନ୍ତି । ସେମାନଙ୍କ ଦାବି ପୂରଣ ନ ହେଲେ ଚିକିତ୍ସା ସେବା ବନ୍ଦ କରିବା ଲାଗି କନିଷ୍ଠ ଡାକ୍ତରମାନେ ଚେତାବନୀ ଦେଇଛନ୍ତି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **'ଡିଜିଟାଲ୍ ଇଣ୍ଡିଆ : ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ନାଗରିକଙ୍କୁ ସଶକ୍ତ କରିବା'** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ନୂଆଦିଲ୍ଲୀ ସାଇବର ସୁରକ୍ଷା ବିଶେଷଜ୍ଞ ଗୁଲ୍‌ସନ ରାୟ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ ୦୧୧-୨୩୭୧୭୧୧୭, ୨୩୩୧୪୪୪୪, ୨୩୩୧୦୪୮୧ ଏବଂ ୨୩୭୧୭୧୦୬ ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ ୯୨୮୯୦୯୪୦୪୪ ନମ୍ବରକୁ ହ୍ୱାଟ୍‌ସଆପ୍ ଏବଂ ସାମାଜିକ ଗଣମାଧ୍ୟମ Xରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ । ଏହା ଆକାଶବାଣୀ ଗୋଲ୍‌ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକ୍ୱେନ୍ସି ଗୁଡ଼ିକରୁ ଶୁଣାଯାଇ ପାରିବ । ଏହା ବ୍ୟତୀତ ଆମର ୱେବ୍‌ସାଇଟ୍ news on air.gov.in ଏବଂ ୟୁଟ୍ୟୁବ୍ ଚ୍ୟାନେଲ୍ news on air official ରେ ଏହା ଉପଲବ୍ଧ ହେବ ।

## ୱେଦର

ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଓଡ଼ିଶା ସମେତ ଗୁଜରାଟ, କୋଙ୍କଣ, ଗୋଆ, ଛତିଶଗଡ଼ ଏବଂ କେନ୍ଦ୍ରୀୟ ମହାରାଷ୍ଟ୍ରରେ ଆଜି ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ରେଡ୍ ଆଲର୍ଟ ଜାରି କରାଯାଇଛି । ବିଭାଗୀୟ ସୂଚନା ଅନୁଯାୟୀ, ଅତି ପ୍ରବଳ ବର୍ଷା ହେବା ନେଇ ଓଡ଼ିଶାରେ ୭ଟି ଜିଲ୍ଲାପାଇଁ ଆଜି ରେଡ୍ ଆଲର୍ଟ ଜାରି କରାଯିବା ସହ କେତେକ ସ୍ଥାନରେ ସ୍କୁଲ୍ ଛୁଟି ଘୋଷଣା କରାଯାଇଛି । ଅପରପକ୍ଷରେ ଆସନ୍ତା ଚାରିଦିନ ମଧ୍ୟରେ ଦେଶର ଅନ୍ୟ ଅଞ୍ଚଳକୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଅଗ୍ରସର ହେବା ନେଇ ପାଗ ଅନୁକୂଳ ରହିଛି । ଏହାର ପ୍ରଭାବରେ ଦେଶର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିବା ସହ ପ୍ରବଳ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି ।

## ୱିମେନ୍ସ ଟ-୨୦

ଅଷ୍ଟ୍ରେଲିଆ ଆଇ.ସି.ସି. ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍ ବିଜୟୀ ହୋଇଛି । ଗତକାଲି ଲଣ୍ଡନର ଲର୍ଡ଼ସ'ଠାରେ ଅନୁଷ୍ଠିତ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୭ ୱିକେଟ୍‌ରେ ଇଂଲଣ୍ଡକୁ ପରାସ୍ତ କରିଛି । ଅଷ୍ଟ୍ରେଲିଆ ଟସ୍ ଜିତି ବୋଲିଂ ପାଇଁ

ନିଷ୍ପତ୍ତି ନେବାପରେ ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ୍ ବିନିମୟରେ ୧୫୦ ରନ୍ ସ୍କୋର୍ କରିଥିଲା । ଜବାବରେ ଅଷ୍ଟ୍ରେଲିଆ ୧୭ ଓଭର୍ ଗୋଟିଏ ବଲ୍‌ରେ ୩ ୱିକେଟ୍ ବିନିମୟରେ ୧୫୩ ରନ୍ ସ୍କୋର କରିଥିଲା ।

*****